ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Culture(OD)/ 1268/10-02-2021**

# ବିନିଯୋଗ ପତ୍ର ଦାଖଲ ନକଲେ ବନ୍ଦ ହେବ ଆର୍ଥିକ ଅନୁଦାନ

## ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି
## ଏବଂ ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳନ ପାଇଁ କାର୍ଯ୍ୟସାରଣୀ ପ୍ରସ୍ତୁତ ପାଇଁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ତା.୧୦/୦୨/୨୦୨୧

ଜିଲ୍ଲାଗୁଡ଼ିକ ବିନିଯୋଗ ପତ୍ର ଦାଖଲ ନକଲେ ଆଗକୁ ଜିଲ୍ଲାଗୁଡ଼ିକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଠାରୁ ପାଉଥିବା ଆର୍ଥିକ ଅନୁଦାନ ପାଇବାକୁ ବଞ୍ଚିତ ହେବେ । ଏ ବିଷୟରେ ଆଜି ଅନୁଷ୍ଠିତ ଏକ ଭିଡ଼ିଓ କନ୍‌ଫରେନ୍ସରେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ଜଣାଇ ଦିଆଯାଇଛି । ବିଭାଗୀୟ ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏ ସଂପର୍କରେ ଜିଲ୍ଲାପାଳମାନଙ୍କ ସହ ବାର୍ତ୍ତାଳାପ କରି ୨୦୧୬-୧୭ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ବିନିଯୋଗ ହୋଇଥିବା ଅର୍ଥର ପ୍ରମାଣପତ୍ର ଦାଖଲ ନହୋଇଥିବା ପରିତାପର ବିଷୟ ବୋଲି କହିଥିଲେ ।

ରାଜ୍ୟ ସରକାର ନେତାଜୀ ସୁଭାଷ ବୋଷଙ୍କ ୧୨୫ତମ ଜୟନ୍ତୀକୁ ଚଳିତ ବର୍ଷ ବର୍ଷବ୍ୟାପୀ ପାଳନ ସକାଶେ ଯୋଜନା କରାଯାଇଥିବା ଓ ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ସିଦ୍ଧାନ୍ତ ନେଇଛନ୍ତି । ଅନୁରୂପ କାର୍ଯ୍ୟକ୍ରମଗୁଡ଼ିକ ଜିଲ୍ଲାସ୍ତରରେ ଆୟୋଜନ ସକାଶେ କାର୍ଯ୍ୟସାରଣୀ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ କୁହାଯାଇଛି ।

ଜିଲ୍ଲାରେ କଳାକାର ମହାସଂଘଗୁଡ଼ିକର ସଦସ୍ୟମାନଙ୍କ ନାମ ପଞ୍ଜିକରଣ କରି ତାଙ୍କର ଡାଟାବେସ୍ ପ୍ରସ୍ତୁତ କରିବାକୁ ବିଭାଗ ତରଫରୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ବହୁ ଜିଲ୍ଲାରେ ଏ ଦିଗରେ ପଦକ୍ଷେପ ନିଆଯାଇ ନାହିଁ । ସରକାରଙ୍କ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ଏବଂ କଳାକାରମାନଙ୍କୁ ଜୀବିକା ଯୋଗାଇନେବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ସେମାନଙ୍କୁ ସାମିଲ କରିବା ପାଇଁ ବିଭିନ୍ନ ବିଭାଗର ରହିଥିବା ଆଇଇସି ପାଣ୍ଠିର ଉପଯୋଗ କରିବାକୁ ଜିଲ୍ଲାପାଳମାନଙ୍କୁ ଯତ୍ନବାନ ହେବାକୁ କୁହାଯାଇଥିଲା । କେତେକ ଜିଲ୍ଲାରେ ଜିଲ୍ଲା ସଂସ୍କୃତି ଅଧିକାରୀ ନଥିବା ସତ୍ତ୍ୱେ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ ସେଥିପାଇଁ ଦୃଷ୍ଟିଦେବାକୁ ପରାମର୍ଶ ଦିଆଯାଇଥିଲା । ଆଗକୁ ଆଦର୍ଶ ଗ୍ରାମ ଚୟନ କରି ସେସବୁ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରାଯିବ । ଆବର୍ତ୍ତନ ପାଣ୍ଠି ପାଇଥିବା ଜିଲ୍ଲାଗୁଡ଼ିକ ସେହି ପାଣ୍ଠିର ସୁଧ ଅର୍ଥରେ ବିଭିନ୍ନ କାର୍ଯ୍ୟ କରିବାକୁ କୁହାଯାଇଛି । ତା'ଛଡ଼ା ଜିଲ୍ଲାଗୁଡ଼ିକରେ ହୋଇଥିବା 'ଲୋକକଳା ଗ୍ରାମ' କେବଳ ଘୋଷଣାରେ ସୀମିତ ହୋଇ ରହିଯାଇଛି । ସେସବୁ ଗ୍ରାମରେ ବିକାଶକୁ ତ୍ୱରାନ୍ୱିତ କରାଯିବ, କଳାକାରମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ତାକୁ ପ୍ରକୃତରେ ଏକ ଲୋକକଳା ଗ୍ରାମ ଭାବେ ଗଢ଼ିତୋଳିବାକୁ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ରାଜ୍ୟରେ ୭୨୦୦ଟି ଭାଗବତ ଟୁଙ୍ଗୀ ରହିଛି । ସେଗୁଡ଼ିକ ବ୍ୟାସାସନ ଓ ମାଇକ ଯୋଗାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । କେତେ ଜିଲ୍ଲା ଏହାକୁ କାର୍ଯ୍ୟକାରୀ କରିଥିବାବେଳେ କେତେକ ଜିଲ୍ଲାରେ ଏହା ହୋଇନାହିଁ । ଏଥି ସହିତ ଏସବୁ ଟୁଙ୍ଗୀଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକରୁଛି କି ନାହିଁ ତାକୁ ତଦାରଖ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଜିଲ୍ଲାପାଳମାନଙ୍କୁ କହିଥିଲେ । ତା'ଛଡ଼ା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ବରିଷ୍ଠ କଳାକାରମାନଙ୍କୁ ଦିଆଯାଇଥିବା ମାସିକ ୧୨୦୦ ଟଙ୍କା ଭତ୍ତା ପ୍ରଦାନ କ୍ଷେତ୍ରରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ନିମନ୍ତେ ଆଉ ପ୍ରାୟ ୧୫ ହଜାର ବାକି ରହିଥିବା ସେ ଦର୍ଶାଇଥିଲେ । ତେଣୁ ଅନ୍ୟ ଭତ୍ତା ଭଳି ଏହାକୁ ବି ଗୁରୁତ୍ୱ ଦିଆଯିବା ଆବଶ୍ୟକ

ବୋଲି ସେ କହିଥିଲେ । ରାଜ୍ୟର ୧୨ଟି ଜିଲ୍ଲାରେ ଜିଲ୍ଲା ସଂଗ୍ରହାଳୟ ରହିଥିବା ଦର୍ଶାଇ ଏଗୁଡ଼ିକର ରକ୍ଷଣାବେକ୍ଷଣକୁ ଜିଲ୍ଲାସ୍ତରରେ ଉଦ୍ୟମ କରିବାକୁ ସଚିବ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ସ୍ଥାନରେ ରହିଥିବା ଅନନ୍ୟ କଳାଶୈଳୀକୁ ଉଭୟ ବୈଦ୍ୟୁତିକ ଓ ମୁଦ୍ରିତ ଭାବେ ତଥ୍ୟ ସଂଗ୍ରହଣ କରିବାକୁ ଜିଲ୍ଲା ସଂସ୍କୃତି ଅଧିକାରୀମାନେ ଆଗଭର ହେବାକୁ ପରାମର୍ଶ ଦିଆଯାଇଛି ।

ଜିଲ୍ଲାରେ ଦୀର୍ଘଦିନ ଧରି ଜିଲ୍ଲା ସଂସ୍କୃତି ପରିଷଦଗୁଡ଼ିକ ପୁନର୍ବିନ୍ୟାସ କରାଯାଇନାହିଁ । ତେଣୁ ସେଗୁଡ଼ିକୁ ପୁନର୍ଗଠନ କରି ବିଭାଗକୁ ଜଣାଇବାକୁ କୁହାଯାଇଛି । ଆସନ୍ତାକାଲି ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ନେଇ ବିଭାଗ ଏକ ବୈଠକ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି । ତେଣୁ ଯେଉଁସବୁ କାର୍ଯ୍ୟ ବାକିଆ ରହିଛି କିମ୍ବା ଯେଉଁ ରିପୋର୍ଟ, ତଥ୍ୟ ଇତ୍ୟାଦି ବିଭାଗରେ ଦାଖଲ କରିବାର ଅଛି ସେଗୁଡ଼ିକୁ ସାଙ୍ଗରେ ନେଇ ଆସିବାକୁ କୁହାଯାଇଛି । ବୈଠକରେ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସ, ଉପନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଦେବାନନ୍ଦ ବରିହା, ରାଜ୍ୟ ସଂସ୍କୃତି ପ୍ରକଳ୍ପ ସଂଯୋଜକ ଶ୍ରୀ ବାସୁଦେବ ମାଳବିଶୋୟୀ, ଅଧୀକ୍ଷକ, ରାଜ୍ୟ ସଂଗ୍ରହାଳୟ ଡ. ଭାଗ୍ୟଲିପି ମଲ୍ଲ, ପ୍ରମୁଖ ଯୋଗଦେଇଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ